# NATIONAL NEWS BULLETIN (ODIA)

## 8 August 2026

### Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ଉତ୍ସବରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ପାକ୍ ଅଧିକୃତ କାଶ୍ମୀରରେ ବିକ୍ଷୋଭକାରୀଙ୍କୁ ହତ୍ୟା କରିବା ଘଟଣାର ନିରପେକ୍ଷ ତଦନ୍ତ ଲାଗି ଆହ୍ୱାନ ଦେଲେ ଜାତିସଂଘ ମହାସଚିବ ।
- ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର, ମୃତ୍ୟୁ ସଂଖ୍ୟା ୯୮କୁ ବୃଦ୍ଧି ।
- ଉପଭୋକ୍ତାମାନଙ୍କୁ ୟୁପିଆଇ ଜରିଆରେ ଦେଣନେଣ ଲାଗି କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ, ସ୍ପଷ୍ଟକଲା ପେମେଣ୍ଟର କାଉନ୍ସିଲ୍ ଅଫ୍ ଇଣ୍ଡିଆ ।

ଏବଂ

- ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଓଡ଼ିଶା ଓ ରାଜସ୍ଥାନକୁ ପାଣିପାଗ ବିଭାଗର ସତର୍କ ସୂଚନା ଜାରି ।

# ପିଏମ୍‌-ଆଇଆଇଟି ଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଆଇଆଇଟି ଦିଲ୍ଲୀର ୫୬ତମ ସମାବର୍ତ୍ତନ ସମାରୋହରେ ଉଦବୋଧନ ଦେବେ। ଏଥିରେ ସ୍ନାତକ ଓ ସ୍ନାତକୋତ୍ତର ସମେତ ୫୮୭ ଜଣ ପିଏଚ୍‌ଡି ଗବେଷକଙ୍କ ସହ ୩ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେବେ। ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ଗବେଷଣା ଓ ନବସୃଜନ କ୍ଷେତ୍ରରେ ଆଇଆଇଟି ଦିଲ୍ଲୀର ଅବଦାନ ଉଲ୍ଲେଖନୀୟ।

ସମାବର୍ତ୍ତନ ସମାରୋହରେ ପ୍ରଧାନମନ୍ତ୍ରୀ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ, ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରିବେ। ସେ ଆଇଆଇଟି ଦିଲ୍ଲୀର ସୋନିପତ କ୍ୟାମ୍ପସରେ ପ୍ରତିଷ୍ଠିତ ଏଆଇ-ଆଧାରିତ ଉଚ୍ଚ କ୍ଷମତାସମ୍ପନ୍ନ ସୁପରକମ୍ପ୍ୟୁଟିଂ ସୁବିଧା 'ପରମ ପ୍ରଜ୍ଞା'ର ଉଦଘାଟନ କରିବେ। ଏହା ଏଆଇ, ଡାଟା ସାଇନ୍ସ ଓ ଉନ୍ନତ କମ୍ପ୍ୟୁଟିଂ କ୍ଷେତ୍ରରେ ଗବେଷଣାକୁ ସୁଦୃଢ଼ କରିବ।

ଆଇଆଇଟି ଦିଲ୍ଲୀ ଦେଶର ୧୮ଟି ଏନ୍‌ଆଇଟି ସହ ଶିକ୍ଷା ଓ ଗବେଷଣା ସହଯୋଗ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହାଦ୍ୱାରା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ମିଳିତ ଗବେଷଣା, ଶିକ୍ଷା ଆଦାନପ୍ରଦାନ ଓ ଗବେଷଣା ଭିତ୍ତିଭୂମିର ସୁବିଧା ପାଇପାରିବେ।

## ୟୁଏନ୍ ଚିଫ୍-ପିଓକେକେ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ପାକିସ୍ତାନ ଅଧିକୃତ ଜମ୍ମୁ-କଶ୍ମୀରରେ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଆହ୍ୱାନ ଦେଇଛନ୍ତି। ଜାତିସଂଘର ଉପମୁଖପାତ୍ର ଫରହାନ ହକ୍ କହିଛନ୍ତି, ଶାନ୍ତିପୂର୍ଣ୍ଣ ବିକ୍ଷୋଭକାରୀଙ୍କୁ କ୍ଷତି ପହଞ୍ଚିଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯିବା ଆବଶ୍ୟକ। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଭୋଲ୍କର ତୁର୍କ ମଧ୍ୟ ଅଶାନ୍ତି ସମୟରେ ଘଟିଥିବା ସମସ୍ତ ମୃତ୍ୟୁର ତ୍ୱରିତ, ବ୍ୟାପକ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ନିର୍ବାଚନରେ ଅନିୟମିତତା ଅଭିଯୋଗକୁ ନେଇ ସେଠାରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ୟୁଗ୍ମ ଆୱାମୀ ଆକ୍ସନ କମିଟି ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ପ୍ରାୟ ୫୦ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ଅମିତ ଶାହା

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ମୁମ୍ବାଇରେ ନ୍ୟାସନାଲ ଅର୍ବାନ କୋ-ଅପରେଟିଭ୍ ଫାଇନାନ୍ସ ଆଣ୍ଡ ଡେଭେଲପମେଣ୍ଟ କର୍ପୋରେସନ୍ ଲିମିଟେଡ୍ – **NUCFDC**ର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟନ କରିବେ। ସେ ମହାରାଷ୍ଟ୍ରର ରାଜ୍ୟସ୍ତରୀୟ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଫେଡେରେସନ୍ ଓ ଜିଲ୍ଲା ସଂଘଗୁଡ଼ିକର

ପ୍ରତିନିଧିମାନଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ **NUCFDC** ଓ ନ୍ୟାସନାଲ ଫୋରେନସିକ୍ ସାଇନ୍ସେସ୍ ୟୁନିଭର୍ସିଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହେବ। ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସାଇବର ସୁରକ୍ଷା ଓ ବୈଷୟିକ ଦକ୍ଷତା ବୃଦ୍ଧିରେ ଏହି ସହଯୋଗ ସହାୟକ ହେବ ବୋଲି କୁହାଯାଇଛି।

# ଏଲ୍ଏସ୍-କମ୍ୟୁନିଟି ରେଡ଼ିଓ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦେଶର ବିପଦପ୍ରବଣ ଅଞ୍ଚଳରେ ନୂଆ କମ୍ୟୁନିଟି ରେଡିଓ ଷ୍ଟେସନ ପ୍ରତିଷ୍ଠା ପାଇଁ ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗଗୁଡ଼ିକୁ ପଦକ୍ଷେପ ନେବାକୁ ଅନୁରୋଧ କରିଛି। ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ ଲୋକସଭାରେ ଲିଖିତ ଉତ୍ତରରେ ଏହା କହିଛନ୍ତି। ସେ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟ ଜରୁରୀ ପରିସ୍ଥିତି ସମୟରେ କମ୍ୟୁନିଟି ରେଡିଓ ସ୍ଥାନୀୟ ଭାଷାରେ ତୁରନ୍ତ ଓ ବିଶ୍ୱସନୀୟ ସୂଚନା ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ନିୟମାନୁଯାୟୀ କମ୍ୟୁନିଟି ରେଡ଼ିଓ ଜରିଆରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବିପର୍ଯ୍ୟୟ, ସ୍ୱାସ୍ଥ୍ୟ ସତର୍କତା ଓ ନାଗରିକ ସେବା ସମ୍ପର୍କିତ ସୂଚନା ପ୍ରସାରଣ କରାଯାଇପାରିବ। ବନ୍ୟା, ବଜ୍ରପାତ ଓ ଭୂମିକମ୍ପ ଭଳି ବିପର୍ଯ୍ୟୟ

ସମୟରେ କାର୍ଯ୍ୟରତ କମ୍ୟୁନିଟି ରେଡିଓ ଷ୍ଟେସନଗୁଡ଼ିକୁ ଏକ କୋଟି ୧୧ ଲକ୍ଷ ୫୦ ହଜାର ଟଙ୍କାର ଜରୁରୀକାଳୀନ ଅନୁଦାନ ଦେବାର ବ୍ୟବସ୍ଥା ରହିଥିବା ସେ କହିଛନ୍ତି ।

## ଆସାମ-ଫ୍ଲଡ୍

ଆସାମରେ ବନ୍ୟା ପରିସ୍ଥିତି ଆଜି ମଧ୍ୟ ଗମ୍ଭୀର ରହିଛି। ବନ୍ୟା ଯୋଗୁଁ ମୃତ୍ୟୁସଂଖ୍ୟା ୯୮କୁ ବୃଦ୍ଧି ପାଇଛି। ତେବେ, ବନ୍ୟା ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୩କୁ ହ୍ରାସ ପାଇଥିବା ବେଳେ, ପ୍ରଭାବିତ ଲୋକଙ୍କ ସଂଖ୍ୟା ୧ ଲକ୍ଷ ୫୫ ହଜାରରୁ ଅଧିକ ରହିଛି। ଚରାଇଦେଓ ଜିଲ୍ଲାରେ ଆଉ ଜଣେ ବନ୍ୟାରେ ପ୍ରାଣ ହରାଇଛନ୍ତି।

ଗୋଲ୍‌ଘାଟ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ସେଠାରେ ପ୍ରାୟ ୫୯ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟରେ ୫୫ଟି ରିଲିଫ୍ କ୍ୟାମ୍ପରେ ୧୦ ହଜାରରୁ ଅଧିକ ଲୋକଙ୍କୁ ଆଶ୍ରୟ ଦିଆଯାଇଛି। ୧୮ଟି ରିଲିଫ୍ ବଣ୍ଟନ କେନ୍ଦ୍ର ମଧ୍ୟ କାର୍ଯ୍ୟ କରୁଛି।

ଗୋଲଘାଟ ଓ ନୁମାଲିଗଡ଼ରେ ଧନସିରି ନଦୀ ଏବଂ ଶ୍ରୀଭୂମି ଜିଲ୍ଲାରେ କୁଶିୟାରା ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ୧୦ ହଜାର ୭ ଶହ ହେକ୍ଟରରୁ ଅଧିକ ଚାଷଜମି ଜଳମଗ୍ନ ହୋଇଥିବା

ବେଳେ ୪୭ ହଜାରରୁ ଅଧିକ ପଶୁ ପ୍ରଭାବିତ ହୋଇଛନ୍ତି। ବିଭିନ୍ନ ଅଞ୍ଚଳରେ ରାସ୍ତା, ପୋଲ ଓ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି।

## ଏନ୍‌ପିସିଆଇ-ଡିଜିଟାଲ୍ ପେମେଣ୍ଟ

ଉପଭୋକ୍ତାମାନଙ୍କ ଲାଗି ୟୁପିଆଇ ଜରିଆରେ ଦେଣନେଣ ବ୍ୟବସ୍ଥା ଦେୟମୁକ୍ତ ହେବ ବୋଲି ପେମେଣ୍ଟସ୍ କାଉନସିଲ୍ ଅଫ୍ ଇଣ୍ଡିଆ ସୂଚନା ଦେଇଛି । ଏକ ବିବୃତିରେ ପିସିଆଇ ପକ୍ଷରୁ କୁହାଯାଇଛି, ଦେଶର ପ୍ରତ୍ୟେକ ନାଗରିକ କୌଣସି ଶୁଳ୍କ ନଦେଇ ତୁରନ୍ତ ଡିଜିଟାଲ୍ ପେମେଣ୍ଟ କରିପାରିବେ। କ୍ଷୁଦ୍ର ବ୍ୟବସାୟୀମାନେ ମଧ୍ୟ ଡିଜିଟାଲ୍ ପେମେଣ୍ଟ ଗ୍ରହଣ ପାଇଁ କୌଣସି ଶୁଳ୍କ ଦେବେ ନାହିଁ।

ସୂଚନା ଅନୁଯାୟୀ, ୟୁପିଆଇର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ବ୍ୟାଙ୍କ, ଫିନ୍‌ଟେକ୍ କମ୍ପାନୀ, ଏନ୍‌ପିସିଆଇ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରଯୁକ୍ତି, ସାଇବର ସୁରକ୍ଷା ଓ ଠକେଇ ରୋକିବା ଦିଗରେ ନିବେଶ କରୁଛନ୍ତି। ବ୍ୟବସାୟୀଙ୍କଠାରୁ ଆଦାୟ ହେଉଥିବା ଯେକୌଣସି ସେବାଶୁଳ୍କ ଗ୍ରାହକଙ୍କ ଉପରେ ଲାଗୁ ହେଉଥିବା ଶୁଳ୍କ ନୁହେଁ ବୋଲି ପେମେଣ୍ଟ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ସ୍ପଷ୍ଟ କରିଛି। ବୃଦ୍ଧି ପାଉଥିବା କାରବାରକୁ ଦୃଷ୍ଟିରେ ରଖି ୟୁପିଆଇର ସୁରକ୍ଷା, ଭିତ୍ତିଭୂମି ଓ ନବସୃଜନ କ୍ଷେତ୍ରରେ ନିରନ୍ତର ନିବେଶ ଆବଶ୍ୟକ ବୋଲି କୁହାଯାଇଛି ।

# ଜେପିଏସ୍‌ସି ପ୍ରୋଟେଷ୍ଟ

ଝାଡ଼ଖଣ୍ଡରେ **JPSC** ଓ **JSSC** ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନ ମଧ୍ୟରେ ଗତକାଲି ସରକାର ଓ ଆନ୍ଦୋଳନକାରୀ ଛାତ୍ରଙ୍କ ୧୦ ଜଣିଆ ପ୍ରତିନିଧି ଦଳ ମଧ୍ୟରେ ପ୍ରଥମ ଔପଚାରିକ ଆଲୋଚନା ହୋଇଛି। ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିବା ଆଲୋଚନାରେ ଛାତ୍ରମାନେ ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା, ଅନିୟମିତତାର ନିରପେକ୍ଷ ତଦନ୍ତ ଓ ନିଯୁକ୍ତି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସଂସ୍କାର ଦାବି କରିଛନ୍ତି।

ସରକାରଙ୍କ ପକ୍ଷରୁ ଚାରିଜଣ ମନ୍ତ୍ରୀ ଓ ଉନ୍ନୟନ କମିଶନର ଆଲୋଚନାରେ ଯୋଗଦେଇ ଛାତ୍ରଙ୍କ ଦାବି ଉପରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହ ଦାବିଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ବିଚାର ପାଇଁ ଉପସ୍ଥାପନ କରାଯିବ ବୋଲି କହିଛନ୍ତି । ତେବେ ଲିଖିତ ନିଷ୍ପତ୍ତି ଓ ପଦକ୍ଷେପ ଗ୍ରହଣ ନ କରାଯିବା ପର୍ଯ୍ୟନ୍ତ ଧାରଣା ଓ ଅନଶନ ଜାରି ରହିବ ବୋଲି ବିକ୍ଷୋଭରତ ଛାତ୍ରମାନେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି, ସରକାର ଛାତ୍ରଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି ଏବଂ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ । ଅନ୍ୟପକ୍ଷରେ, ଚତୁର୍ଦ୍ଦଶ **JPSC** ପ୍ରିଲିମିନାରୀ ପରୀକ୍ଷାରେ ଅନିୟମିତତା ଅଭିଯୋଗର ତଦନ୍ତ କରୁଥିବା ସିଆଇଡି ଝାଡ଼ଖଣ୍ଡ ଲୋକସେବା ଆୟୋଗର ତିନିଜଣ କାର୍ଯ୍ୟରତ ସଦସ୍ୟଙ୍କୁ

ପଚରାଉଚରା ପାଇଁ ସମନ ଜାରି କରିଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୧୯ ଜଣଙ୍କୁ ଗିରଫ କରାଯାଇଛି।

# ଏସ୍‌ସି-ରିଭର୍

ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କୁ ଜୋଜାରୀ, ବାନ୍ଦି ଓ ଲୁଣୀ ନଦୀର ପ୍ରଦୂଷଣ ରୋକିବା ଏବଂ ପରିବେଶ ପୁନରୁଦ୍ଧାର ପାଇଁ ଏକ ସପ୍ତାହ ମଧ୍ୟରେ ଏକୀକୃତ ସମନ୍ୱୟ ଗୋଷ୍ଠୀ-ଆଇସିଜି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୋଜାରୀ ନଦୀ ପ୍ରଦୂଷଣ ସମ୍ପର୍କିତ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟ ବାନ୍ଦି ଓ ଲୁଣୀ ନଦୀର ପ୍ରଦୂଷଣକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଗୋଷ୍ଠୀରେ ପରିବେଶ, ଜଙ୍ଗଲ, ଜଳସମ୍ପଦ ଓ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ରହିବେ। ନଦୀ ଓ ଜଳାଶୟ ପ୍ରଦୂଷଣ, ଶିଳ୍ପ ବର୍ଜ୍ୟଜଳର ବେଆଇନ ନିଷ୍କାସନ ଏବଂ ପରିବେଶର ଅବକ୍ଷୟ ନେଇ କୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ପରିବେଶ ସମ୍ପର୍କିତ ଉଲ୍ଲଂଘନ ଓ ବେଆଇନ କାର୍ଯ୍ୟ ସମ୍ପର୍କରେ ଜଣାଇବା ଲାଗି ପାଇଁ ସାର୍ବଜନୀନ ଅଭିଯୋଗ ବ୍ୟବସ୍ଥା କରିବା ନିମନ୍ତେ ରାଜସ୍ଥାନ ସରକାରଙ୍କୁ ସୁପ୍ରିମ୍‌କୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି ।

## ଡବ୍ଲ୍ୟୁବି-ସାଇନ୍ସ କଂଗ୍ରେସ

ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୬ ଓ ୧୭ ତାରିଖରେ ନ୍ୟୁ ଟାଉନ୍‌ସ୍ଥିତ ବିଶ୍ୱ ବାଙ୍ଗ୍‌ଲା ସମ୍ମେଳନ କେନ୍ଦ୍ରରେ ପଶ୍ଚିମବଙ୍ଗ ରାଜ୍ୟ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହେବ। ବିଧାନନଗରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମବଙ୍ଗର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର କଲ୍ୟାଣ ଚକ୍ରବର୍ତ୍ତୀ ଏହା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଜ୍ଞାନ କଂଗ୍ରେସର ଉଦ୍‌ଘାଟନ କରିବେ। ବଙ୍ଗଳା ଭାଷାରେ ବିଜ୍ଞାନର ପ୍ରଚାର ଓ ପ୍ରସାର ସହିତ ରାଜ୍ୟ ଛାଡ଼ିଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣି ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସୁଯୋଗ ଦେବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ବିଜ୍ଞାନ କଂଗ୍ରେସରେ ବଙ୍ଗଳାର ବୈଜ୍ଞାନିକ ସଫଳତା ପ୍ରଦର୍ଶନ ସହ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସହଯୋଗ ଓ ଯୁବ ଗବେଷକଙ୍କୁ ଉତ୍ସାହିତ କରାଯିବ ବୋଲି ଜଣାପଡ଼ିଛି ।

## ନାଗାଲାଣ୍ଡ-ଆସେମ୍ବ୍ଲି

ଚତୁର୍ଦ୍ଦଶ ନାଗାଲାଣ୍ଡ ବିଧାନସଭାର ନବମ ଅଧିବେଶନ ଆସନ୍ତା ମାସ ଏକ ତାରିଖରୁ ଆରମ୍ଭ ହେବ। ସକାଳ ସାଢ଼େ ୯ଟାରେ ବିଧାନସଭା ଭବନରେ ଏହି ଅଧିବେଶନ ବସିବ। ନାଗାଲାଣ୍ଡ ବିଧାନସଭା ସଚିବ

କହିଛନ୍ତି, ଭାରତୀୟ ସମ୍ବିଧାନର ଧାରା ୧୭୪(୧) ଅନୁଯାୟୀ ରାଜ୍ୟପାଳ ଏହି ଅଧିବେଶନ ଆହୁତ କରିଛନ୍ତି ।

## ପାକିସ୍ତାନ-ସାଉଦି-ତୁର୍କୀ-ପାକ୍ଟ

ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ମଧ୍ୟରେ ତ୍ରିପାକ୍ଷିକ ପ୍ରତିରକ୍ଷା ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହି ରାଜିନାମା ଅନୁଯାୟୀ, ତିନି ଦେଶ ମଧ୍ୟରୁ କୌଣସି ଗୋଟିଏ ଦେଶ ଉପରେ ଆକ୍ରମଣକୁ ସମସ୍ତ ତିନି ଦେଶ ଉପରେ ଆକ୍ରମଣ ଭାବେ ବିବେଚନା କରାଯିବ। ମକ୍କାରେ ଅନୁଷ୍ଠିତ ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ, ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପ ତୟିପ ଏର୍ଦୋଗାନ ଏହି ଯୁଗ୍ମ ପ୍ରତିରକ୍ଷା ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ଏହା ପୂର୍ବରୁ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ରଣନୈତିକ ପାରସ୍ପରିକ ପ୍ରତିରକ୍ଷା ରାଜିନାମା ସ୍ୱାକ୍ଷରିତ ହୋଇଥିଲା।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଆଜି ଓଡ଼ିଶା ଓ ରାଜସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ନେଇ ସତର୍କତା ଜାରି

କରିଛି। ଉତ୍ତର-ପୂର୍ବ ଭାରତ ସମେତ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, କେରଳ ଓ ମାହେରେ ମଧ୍ୟ ପ୍ରବଳ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।